## ସଂକ୍ଷେପରେ

### ଅନୁଗୋଳ ଜିଲାରେ ପାସ୍ ହାର ୭୭.୬୩ %

**ଅନୁଗୋଳ ଅଫିସ, ୮।୬:** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ଅନୁଗୋଳ ଜିଲାର ପାସ୍ ହାର ୭୭.୬୩ ପ୍ରତିଶତ ରହିଛି। ଏହି ପରୀକ୍ଷା ଦେବାକୁ ଜିଲାରୁ ମୋଟ୍ ୫୮୮୨ ଜଣ ନାମ ପଞ୍ଜୀକରଣ କରିଥିଲାବେଳେ ସେଥିରୁ ୫୮୧୭ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୫୧୬ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ୮ ଛାତ୍ରୀଛାତ୍ର ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ଧରାପଡ଼ିଛନ୍ତି। ଜିଲାରେ ୭୪୩ ଜଣ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିଭଳି ୭୯୪ ଜଣ ଦ୍ୱିତୀୟ ଶ୍ରେଣୀ ଓ ୨୯୬୩ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଅନ୍ୟପକ୍ଷରେ ଧନ୍ଦାମୂଳକ ପାଠ୍ୟକ୍ରମରେ ୮୦ ଜଣ ପରୀକ୍ଷା ଦେଇଥିଲାବେଳେ ୩୬ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ ପ୍ରଥମ ଶ୍ରେଣୀରେ, ୧୯ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ସୂଚନା ମିଳିଛି।

# ପୋଖରୀ ଖୋଳାରେ ଅନିୟମିତତା ଅଭିଯୋଗ

**ବଇଣ୍ଡା,୮।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ୧୫ ଦିନ ହେବ ପଞ୍ଚାୟତର ଫୁଲରିବଣିଆ, ନବଦୀପପୁର ଗ୍ରାମରେ ୧୦ ଲକ୍ଷ ଟଙ୍କା ଅଟକଳରେ ୨ଟି ପୋଖରୀ ଶ୍ରମିକଙ୍କ ବଦଳରେ ଜେସିବି ମେଶିନ ମାଧ୍ୟମରେ ଖୋଳାଯାଇଛି। ଏ ନେଇ ଆମ୍ବସରମୁଣ୍ଡା ଗ୍ରାମବାସୀ ବୁଧବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି, ପଞ୍ଚାୟତରେ ୧୧୫୮ଟି ଜବ୍ କାର୍ଡ ଥିବାବେଳେ ଶ୍ରମିକମାନଙ୍କୁ ଅଣଦେଖା କରାଯାଉଛି। କେତେଜଣ ବ୍ୟକ୍ତି ଅନେକ ଶ୍ରମିକଙ୍କ ଜବ୍‌କାର୍ଡ ନିଜ ପାଖରେ ରଖି ପ୍ରକଳ୍ପଗୁଡ଼ିକ ଜେସିବି ମେଶିନ ସହାୟତାରେ ଖୋଳାଇ ମଜୁରି ଅର୍ଥ ହଡ଼ପ କରୁଛନ୍ତି। କିଛିଦିନ ହେବ ନବଦୀପପୁର ଓ ଫୁଲରିବଣିଆ ଗ୍ରାମରେ ୨ଟି ପୋଖରୀ ମେଶିନରେ ଖୋଳାଯାଇଛି। ବ୍ଲକ ପ୍ରଶାସନର କେତେଜଣ କର୍ମଚାରୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏଥିସହ ମିଥ୍ୟା ବିଲ୍ କରି ଅର୍ଥ ହଡପ କରାଯାଉଥିବା ନେଇ କିଛିଦିନ ତଳେ ଆମ୍ବସରମୁଣ୍ଡା ଗ୍ରାମବାସୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେତେଜଣ ରାଜନେତାଙ୍କ ଚାପ ଯୋଗୁ ବ୍ଲକ ପ୍ରଶାସନ ତଦନ୍ତ କରୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି ଅନିୟମିତତା ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।


ମେଶିନ ଦ୍ୱାରା ଖୋଳାଯାଇଥିବା ପୋଖରୀ।

# ନେସ୍‌ର ସମୂହ ଦୀପଦାନ

**ବଣ୍ଟଁରପାଳ, ୮।୬(ଡି.ଏନ.ଏ.)**



ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ଏବଂ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରି ଗୁରୁବାର ଶ୍ରମିକ ସଙ୍ଗଠନ ନାଲ୍‌କୋ ଏମ୍ପ୍ଲୋୟିଜ୍ ସଂଘ (ନେସ୍) ପକ୍ଷରୁ ସ୍ଥାନୀୟ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଏକ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ନିର୍ମଳ ସାମଲ, ସାଧାରଣ ସମ୍ପାଦକ ରଞ୍ଜିତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ମଳୟ ସ୍ୱାଇଁ, ବିଜନ ଦଳବେହେରା, ଉପେନ୍ଦ୍ର ବେହେରା, ଉପସଭାପତି ମନୋଜ ସ୍ୱାଇଁ, ବିକାଶ ପାଲ, ମନୋଜ ପ୍ରସାଦ, ଉପେନ୍ଦ୍ର ବେହେରା, ସାଙ୍ଗଠନିକ ସମ୍ପାଦକ ପ୍ରକାଶ ବେହେରା, ତ୍ରିନାଥ ରାଉତରାୟ, କାର୍ଯ୍ୟାଳୟ ସମ୍ପାଦକ ସୁଧାଂଶୁ ଭୂଷଣ ମିଶ୍ର, ପ୍ରମୋଦ ପରିଡା, ଅଟଳ ଷଡଙ୍ଗୀ, ସନ୍ନ୍ୟାସୀ ସ୍ୱାଇଁ, ଯତୀନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।







# ଜନସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ

**ଅନୁଗୋଳ ଅଫିସ, ୮।୬**

ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ଜିଲା ମୁଖ୍ୟ ଚିକିତ୍ସାଳୟର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ତମାଖୁ ବିକ୍ରି ପାଇଁ ୬୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପଦାର୍ଥ ରଖିବା କାରଣରୁ ୫ ହଜାର ୬ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡାକ୍ତର ଧନଞ୍ଜୟ ବେହେରାଙ୍କ ନେତୃତ୍ୱରେ ଖାଦ୍ୟ ସୁରକ୍ଷା ଅଧିକାରୀ ହରପ୍ରିୟା ବେହେରା, ଏମ୍‌ଟିଏସ୍ ନୀଳାମ୍ବର ପ୍ରଧାନ, ଅବକାରୀ ଅଧିକାରୀ ଓ ପୋଲିସ ଅଧିକାରୀ ଏହି ଚଢ଼ାଉରେ ସାମିଲ ରହିଥିଲେ।

ପ୍ରକାଶ ଯେ, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସକାଳୁ ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଚଢ଼ାଉ ଆରମ୍ଭ ହୋଇଥିଲା। ସର୍ବସାଧାରଣ ସ୍ଥାନରେ ସିଗାରେଟ୍ ଟାଣୁଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କ ଠାରୁ ପ୍ରଥମେ ଜରିମାନା ଆଦାୟ କରାଯାଇଥିଲା। ପରେ ସିଗାରେଟ୍ ବିକ୍ରି କରୁଥିବା ଦୋକାନୀଙ୍କ ନିକଟରୁ ମଧ୍ୟ ଜରିମାନା ଆଦାୟ କରାଯାଇଥିଲା। ଏହାପରେ ରାଜା ଛକ ଠାରେ ଥିବା ଭୋଗ ସାମଗ୍ରୀ ଦୋକାନରେ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯିବା ସହ ଭୋଗ ନିକଟରେ ଖାଦ୍ୟ ପଦାର୍ଥ ନ ରଖି ଅନ୍ୟ ସ୍ଥାନରେ ଥାକ କରି ଖାଦ୍ୟ ସାମଗ୍ରୀ ରଖିବାକୁ କୁହାଯାଇଥିଲା। ପରେ ଫଳ ଦୋକାନଗୁଡ଼ିକ ଉପରେ ଚଢ଼ାଉ କରାଯାଇ ଖାଦ୍ୟ ଲାଇସେନ୍ସ ନ ଥିବାରୁ ଜରିମାନା ଆଦାୟ କରାଯାଇଥିଲା। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରୁ ଆରମ୍ଭ ହୋଇଥିବା ଏହି ଚଢ଼ାଉ ବସ୍‌ଷ୍ଟାଣ୍ଡ, ଅମଲାପଡ଼ା, ଏନ୍‌ଏଚ୍ ପାର୍ଶ୍ୱ ଦୋକାନ ଯାଏ ଯାଇଥିଲା। ଆଗକୁ ବର୍ଷା ଦିନ ଆସୁଥିବାରୁ ଏହି ଚଢ଼ାଉ ଜାରି ରହିବ ବୋଲି ଜନସ୍ୱାସ୍ଥ୍ୟ ଅଧିକାରୀ ଧନଞ୍ଜୟ ବେହେରା ସୂଚନା ପ୍ରଦାନ କରିଛନ୍ତି। ପ୍ରଥମ ଦିନରେ ୨୦ଟି ଦୋକାନରେ ଚଢ଼ାଉ କରାଯାଇଥିବାବେଳେ ଯେଉଁମାନେ ଧୂମ୍ରପାନ କରୁଥିଲେ ସେମାନଙ୍କ ନିକଟରୁ ମଧ୍ୟ ଜରିମାନା ଆଦାୟ କରାଯାଇଥିବା ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ପାଲଲହଡା,୮।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡରେ ଅଘୋଷିତ ବିଦ୍ୟୁତ୍‌କାଟ ପ୍ରତିବାଦରେ ଗୁରୁବାର ପାଲଲହଡା ନାଗରିକ ମଞ୍ଚ ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ୬ ଘଣ୍ଟିଆ ଧାରଣା ଦିଆଯାଇଥିଲା। ମଞ୍ଚ ପକ୍ଷରୁ କୁହାଯାଇଛି, ଉପଖଣ୍ଡରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ସହିତ ଲୋ ଭୋଲ୍‌ଟେଜ ସମସ୍ୟା ଲାଗି ରହୁଛି। କିନ୍ତୁ ବିଦ୍ୟୁତ୍ ବିଭାଗ ଅଧିକ ବିଲ୍ ଆଦାୟ କରୁଛି। ତୁରନ୍ତ ବିଦ୍ୟୁତ୍ ବିଭ୍ରାଟର ସମାଧାନ ସହ ଉପଭୋକ୍ତାଙ୍କୁ ଶୋଷଣ ବନ୍ଦ କରିବା ଆଦି ଦାବିରେ ଏହି ଧାରଣା ଦିଆଯାଇଥିଲା। ଟିପିସିଓଡିଏଲ୍‌ର ଉପଖଣ୍ଡ ଅଧିକାରୀ ସମାଧାନର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ବିଭାଗକୁ ଅଚଳ କରାଯିବ ବୋଲି ମଞ୍ଚ ସଭାପତି ସନ୍ତୋଷ ଦେହୁରୀ ଚେତାବନୀ ଦେଇଛନ୍ତି।







# ବଇଣ୍ଡା କଲେଜର ସଫଳତା

**ବଇଣ୍ଡା,୮।୬(ଡି.ଏନ.ଏ.)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ଯୁକ୍ତ ୨ କଳା ପରୀକ୍ଷା ଫଳରେ କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭଲ ସଫଳତା ହାସଲ କରିଛନ୍ତି। କଲେଜର ୨୨୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନରେ ୧୮, ଦ୍ୱିତୀୟ ସ୍ଥାନରେ ୨୮ ଏବଂ ତୃତୀୟ ସ୍ଥାନରେ ୧୧୪ ଜଣ କୃତକାର୍ଯ୍ୟ ହୋଇଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀଚରଣ ପ୍ରଧାନ ସୂଚନା ଦେଇଛନ୍ତି। ଛାତ୍ରୀ ଗୀତାଞ୍ଜଳି ସାହୁ ୪୯୨ ମାର୍କ ରଖି କଲେଜର ଟପ୍ପର ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



## ଆଜି କ'ଣ କେଉଁଠି

ଢେଙ୍କାନାଳ
- ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଉତ୍ସବ ଓ ପ୍ରତିମୂର୍ତ୍ତି ଉନ୍ମୋଚନ, ସମୟ: ପୂର୍ବାହ୍ନ ୧୧ଟା, ସ୍ଥାନ: ଅକ୍ଷମ କଲ୍ୟାଣ ସମିତି ପରିସର।
- ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଉତ୍ସବ ସମୟ: ସକାଳ ସାଢେ ୭ଟା। ସ୍ଥାନ: ଷ୍ଟାଡିୟମ୍ ପରିସର ପ୍ରତିମୂର୍ତ୍ତି ସ୍ଥଳ।

## ଦୁର୍ଘଟଣାରେ ଜଣେ ଗୁରୁତର

**ଛେଣ୍ଡିପଦା,୮।୬(ସ୍ୱ.ପ୍ର.):** ଅନୁଗୋଳ ଜିଲା ବାଗଡିଆ ଥାନା ବାରମଞ୍ଚ ଗ୍ରାମ ନିକଟସ୍ଥ ପୋଲରେ ମୋଟର ସାଇକେଲରୁ ଖସିପଡି ଜଣେ ଗୁରୁତର ହୋଇଛନ୍ତି। ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଛେଣ୍ଡିପଦା ଥାନା ଶାଳଖମଣ ଗ୍ରାମର ସିଲୁ ପ୍ରଧାନ, ବରଜୁ ପ୍ରଧାନ ଓ ଦେବରାଜ ଭୋଇ। ପ୍ରକାଶ ଯେ, ଶାଳଖମଣ ଗ୍ରାମର ସିଲୁ, ବରଜୁ ଓ ଦେବରାଜ ଏକ ମୋଟର ସାଇକେଲରେ ବାଗଡିଆ ଥାନା ପୁରୁଣାଗଡ ଗ୍ରାମରୁ ବାହାଘରରେ ଯୋଗଦେଇ ଶାଳଖମଣ ଫେରୁଥିବା ବେଳେ ଭାରସାମ୍ୟ ହରାଇ ପୋଲର ବୁଲାଣିରେ ରାସ୍ତା ତଳକୁ ଖସି ପଡ଼ିଥିଲେ। ୩ ଜଣଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ଜିଦ୍‌ରେ ଅଟଳ ଅମଳା


ବୈଠକରେ ଯୋଗଦେଇଥିବା ମିଳିତ ଅମଳା ମଞ୍ଚର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟମାନେ।

**ଢେଙ୍କାନାଳ ଅଫିସ, ୮।୬**

ଜିଦ୍‌ରେ ଅଟଳ ଅମଳା। ସରକାରଙ୍କ ସହ ଆଲୋଚନା ପରେ ମଧ ବାହାରି ପାରୁନାହିଁ କୌଣସି ନିଷ୍କର୍ଷ। ଫଳରେ ସରକାରୀ କାର୍ଯ୍ୟାଳୟ ପରିଚାଳନାରେ ସଙ୍କଟ ବଢ଼ିବାରେ ଲାଗିଛି। ଦାବି ପୂରଣ ନ ହେଲେ କୌଣସି ପରିସ୍ଥିତିରେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି ଚରମବାଣୀ ଶୁଣାଇବା ପରେ ଆଗକୁ ସ୍ଥିତି ଆହୁରି ଜଟିଳ ହେବା ଆଶଙ୍କା ଦୃଢ଼ୀଭୂତ ହୋଇଛି।

ମିଳିତ ଅମଳା ମଞ୍ଚ ଆହ୍ୱାନରେ ଢେଙ୍କାନାଳ ଜିଲାର ଅମଳାମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଦରମାରେ ରହିଥିବା ଅସଙ୍ଗତି ଦୂର କରିବା, ଶିକ୍ଷାଗତ ଯୋଗ୍ୟତା ସ୍ନାତକ ହାରରେ ବେତନ ପ୍ରଦାନ ଦାବିରେ ସେମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଇତିମଧ୍ୟରେ ୮ଦିନ ବିତିଯାଇଥିବାବେଳେ ସରକାର ଦାବି ପୂରଣ ଲାଗି କୌଣସି ପଦକ୍ଷେପ ନେଉନାହାନ୍ତି। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। କାଷ୍ଟେଇକୋଳିଆସ୍ଥିତ କଳ୍ପତରୁ ଆଶ୍ରମରେ ଗୁରୁବାର ମିଳିତ ଅମଳା ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବାର ପ୍ରଶ୍ନ ଉଠୁନାହିଁ ବୋଲି ନିଷ୍ପତ୍ତି ନିଆଯାଇ ଏଠାରେ ଏକ ପ୍ରସ୍ତାବ ପାରିତ ହୋଇଛି। ବୈଠକରେ ରାଜ୍ୟ ରାଜସ୍ୱ ଅମଳା ସଂଘ ସଭାପତି ବାଳାଜୀ ସାହୁ, ସମ୍ପାଦକ ନରେଶ ମହାପାତ୍ର, ଆକ୍ସନ କାଉନ୍‌ସିଲ ଅଧ୍ୟକ୍ଷ ପ୍ରସନ୍ନ ନାୟକ, ମିଳିତ ଅମଳା ମଞ୍ଚ ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକ, ଆବାହକ ଅରୁଣ ବଳିଆରସିଂଙ୍କ ସମେତ ଜିଲାର ୫୭୦ରୁ ଊର୍ଦ୍ଧ୍ୱ ଅମଳା ଉପସ୍ଥିତ ଥିଲେ।

ଅମଳାଙ୍କ ଆନ୍ଦୋଳନ ଯୋଗୁ ଆଞ୍ଚଳିକ ପରିବହନ ବିଭାଗ, ଯୋଗାଣ ବିଭାଗ, ବ୍ଲକ, ଉପଜିଲାପାଳ, ତହସିଲଦାରଙ୍କ କାର୍ଯ୍ୟାଳୟ ଏକ ପ୍ରକାର ଅଚଳ ହୋଇପଡ଼ିଛି। ବିଭିନ୍ନ ବିଭାଗର ଚିଠିପତ୍ର ନେଣଦେଣ ହୋଇପାରୁନାହିଁ। ଦୂରଦୂରାନ୍ତରୁ ଆସୁଥିବା ଲୋକେ ନିରାଶରେ ଫେରୁଥିବା ବେଳେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

### ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ



ଅମଳାଙ୍କ ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ସରକାର ଆଲୋଚନା କରି ଏହାର ସମାଧାନ କରନ୍ତୁ।

**-ରାଜକିଶୋର ବେହେରା, ଉପସଭାପତି, ଜିଲା ଶିଳ୍ପ ଓ ବାଣିଜ୍ୟ ସଂଘ**

### ସାଧାରଣ ଲୋକ ପ୍ରଭାବିତ



ଅମଳାଙ୍କ ଆନ୍ଦୋଳନରେ ସାଧାରଣ ଲୋକ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ସରକାରୀ ଅଫିସରେ କାମ ଆଗକୁ ବଢୁନାହିଁ। ଏଥିପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ।

**-ସୁରେନ୍ଦ୍ର ମିଶ୍ର, ପୂର୍ବତନ ନଗରପାଳ**

### ସରକାର ତ୍ୱରିତ ପଦକ୍ଷେପ ନିଅନ୍ତୁ



ଅମଳା ସଂଘ ଆନ୍ଦୋଳନ ଯୋଗୁ ସବ୍‌ରେଜିଷ୍ଟ୍ରାର ଅଫିସରେ ଜମି ବିକ୍ରି ସମ୍ପର୍କିତ କାମ ହୋଇପାରୁନାହିଁ। ତହସିଲ କାର୍ଯ୍ୟାଳୟରେ ଅନୁରୂପ ସମସ୍ୟା ଉପୁଜିଛି। ଏହାର ସମାଧାନ ପାଇଁ ସରକାର ତ୍ୱରିତ ପଦକ୍ଷେପ ନେବା ଉଚିତ।

**-ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ମନ୍ତ୍ରୀ**

## ଶିକ୍ଷୟିତ୍ରୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୮।୬**

ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବରିଷ୍ଠ ଆଚାର୍ଯ୍ୟା ରୀତା ତ୍ରିପାଠୀଙ୍କ ଗୁରୁବାର ସନ୍ଧ୍ୟାରେ କଟକସ୍ଥିତ ଶାନ୍ତି ମେମୋରିଆଲ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ଶାଶୁଘର ଯାଜପୁରସ୍ଥିତ ଅପସରପୁରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଢେଙ୍କାନାଳ ଶିଶୁ ମନ୍ଦିରରେ ଦୀର୍ଘ ୨୯ ବର୍ଷ ଧରି କାର୍ଯ୍ୟ କରିଥିବା ରୀତା ଜଣେ ଛାତ୍ରବତ୍ସଳା ଶିକ୍ଷୟିତ୍ରୀ ଥିଲେ। ଶିକ୍ଷା ବିକାଶ ସମିତି ଅଧୀନ ଢେଙ୍କାନାଳ ବିଭାଗ ଶିଶୁ ବାଟିକା ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ଦେହାନ୍ତରେ ଶିଶୁମନ୍ଦିର ଛାତ୍ରୀଛାତ୍ର, କର୍ମଚାରୀ, ପରିଚାଳନା କମିଟି ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।



## କନିଷ୍ଠ କଲେଜ ପାସ୍ ହାର ୮୧.୦୪%

**ଢେଙ୍କାନାଳ ଅଫିସ, ୮।୬**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ କଳା ବିଭାଗ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଢେଙ୍କାନାଳ କନିଷ୍ଠ କଲେଜର ପାସ୍ ହାର ୮୧.୦୪% ହୋଇଛି। ପରୀକ୍ଷା ଦେଇଥିବା ୨୪୮ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୬୩, ଦ୍ୱିତୀୟ ଶ୍ରେଣୀରେ ୫୦ ଏବଂ ତୃତୀୟ ଶ୍ରେଣୀରେ ୮୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୭ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରୀ ସି. ଅଭୀପ୍‌ସା ମୋଟ ୬୦୦ରୁ ୫୩୬ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ସୋନାଲି ପୃଷ୍ଟି ଦ୍ୱିତୀୟ (୫୧୩), ମୀନାକ୍ଷୀ ସାହୁ (୫୦୮) ତୃତୀୟ ସ୍ଥାନରେ ରହିଥିବା କଲେଜ ଅଧ୍ୟକ୍ଷ ରଞ୍ଜିତ ପ୍ରଧାନ ସୂଚନା ଦେଇଛନ୍ତି।

## ମନସ୍ତତ୍ତ୍ୱବିତ୍ ହେବି: ଅଭୀପ୍‌ସା


ଟପ୍ପର ସି. ଅଭୀପ୍‌ସା।

ଯୁକ୍ତ ୨ କଳା ବିଭାଗ ପରୀକ୍ଷାରେ ଢେଙ୍କାନାଳ ଜୁନିୟର କଲେଜରେ ଟପ୍ପର ହୋଇଛନ୍ତି ସି. ଅଭୀପ୍‌ସା। ନିଜ ପ୍ରତିକ୍ରିୟାରେ ସେ କୁହନ୍ତି, ପରୀକ୍ଷା ପାଇଁ ଭଲ ପ୍ରସ୍ତୁତି କରିଥିଲେ। ହେଲେ କଲେଜ ଟପ୍ପର ହେବେ ବୋଲି ଭାବି ନ ଥିଲେ। ସାଇକୋଲୋଜି ବିଷୟରେ ୧୦୦ରୁ ୧୦୦ ମାର୍କ ରଖିଛନ୍ତି। ଭବିଷ୍ୟତରେ ଜଣେ ମନସ୍ତତ୍ତ୍ୱବିତ୍ ହେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ଏହାର ଶ୍ରେୟ ସେ ତାଙ୍କ ମା'ବାପାଙ୍କୁ ଦେଇଛନ୍ତି। ନିଜର ନିଷ୍ଠା ପାଇଁ ଏହି ସଫଳତା ହାସଲ କରିଥିବା କହିଛନ୍ତି। ସୂଚନାଯୋଗ୍ୟ, ଅଭୀପ୍‌ସା ହେଉଛନ୍ତି ଢେଙ୍କାନାଳର ଚିତ୍ତରଞ୍ଜନ ସାହୁ, ମା' ଅସୀମା ସାହୁଙ୍କ ଏକମାତ୍ର କନ୍ୟା।

## ଗୌରବ ଇଭି ମୋଟର ଶୋ'ରୁମ୍ ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଶୋ'ରୁମ୍ ମାଲିକ।

**ଢେଙ୍କାନାଳ ଅଫିସ,୮।୬**

ଢେଙ୍କାନାଳ ଆନନ୍ଦନଗର କାଠଗଡ଼ାଠାରେ ଗୁରୁବାର ଗୌରବ ଇଭି ମୋଟର ଶୋ'ରୁମ ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ସୁଧୀର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ।
ସରକାର ଇ-ବାଇକ୍ କିଣିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି। ଏସ୍‌ଏଚ୍‌ଜି ସଦସ୍ୟ ମଧ ଏହାକୁ ବ୍ୟବହାର କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ କାଳିନ୍ଦୀ ବାରିକ, ସହକାରୀ ଯନ୍ତ୍ରୀ ମନ୍ମଥ ଆଚାର୍ଯ୍ୟ, ସମିତିସଭ୍ୟ ଦିଲୀପ ସାମଲ, ସୁବାସ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ବିନୟ ପରିଡ଼ା, ସଦର ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶ୍ରୀନିବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲା। କ୍ୱାଣ୍ଟମ ଓ ସ୍କୁଟର କମ୍ପାନୀର ପୂର୍ବ ଭାରତର ଆଞ୍ଚଳିକ ମୁଖ୍ୟ ଚନ୍ଦନ ପ୍ରସାଦ, ଶୋ'ରୁମ ମାଲିକ ପ୍ରମୋଦ ଜେନ୍, ପ୍ରଦୀପ ଜେନ୍ ଉପସ୍ଥିତ ରହି ଗାଡ଼ିର ବ୍ୟବହାର କୌଶଳ, ବ୍ୟାଟେରି କ୍ଷମତା ସମ୍ପର୍କରେ ଅବଗତ କରାଇଥିଲେ। ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ସମ୍ବଲପୁର, ଝାରସୁଗୁଡ଼ାରେ କମ୍ପାନୀର ଶାଖା ରହିଥିବାବେଳେ ଢେଙ୍କାନାଳରେ ଏହା ପ୍ରଥମ ଶୋ'ରୁମ ବୋଲି ସୂଚନା ଦିଆଯାଇଛି।

## ବରଯାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

- ଅଭିଯୋଗ ରଖିଲାନି ପୋଲିସ
- ଏସ୍‌ପିଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ

**ଢେଙ୍କାନାଳ ଅଫିସ, ୮।୬**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଖଡଗପ୍ରସାଦ ଗ୍ରାମର ମଶାଣିଆ ଛକଠାରେ ବୁଧବାର ବିଳମ୍ବିତ ରାତିରେ ଏକ ବରଯାତ୍ରୀ ଦଳ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। କେତେଜଣ ଦୁର୍ବୃତ୍ତ ବରପାର୍ଟିର ଲୋକଙ୍କୁ ମାରପିଟ୍ କରିବା ସହ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ସୁନା ଅଳଙ୍କାର, ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। କନ୍ୟା ଘର ପକ୍ଷରୁ ଏ ନେଇ ଗୁରୁବାର ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ଏହାକୁ ଗ୍ରହଣ କରି ନ ଥିଲା। ସନ୍ଧ୍ୟାରେ ଏସ୍‌ପି ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଡକାୟତି ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ଅନୁଧ୍ୟାନ କରିବା ପାଇଁ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କୁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ସଦର ଥାନା ତାଳବରକୋଟ ଗ୍ରାମରୁ ବରଯାତ୍ରୀ ଦଳ ଖଡଗପ୍ରସାଦ ଗ୍ରାମକୁ ଆସିଥିଲେ। ବିବାହ ଶୋଭାଯାତ୍ରା ସାରି ଫେରିବା ପରେ ମଶାଣିଆ ଛକ ପୋଲ ଉପରେ କେତେଜଣ ବ୍ୟକ୍ତି ଗାଡ଼ି ଅଟକାଇ କାଚ ଭାଙ୍ଗି ଦେଇଥିଲେ। ବରଯାତ୍ରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ସୁନାଚେନ୍, ମୋବାଇଲ, ୩୦ହଜାର ଟଙ୍କା ଲୁଟି ନେଇଥିଲେ। କନ୍ୟା ପକ୍ଷର କେତେଜଣ ସ୍ଥାନୀୟ ଥାନାକୁ ସୂଚନା ଦେବା ପରେ ପୋଲିସ ପହଞ୍ଚି ବାଇକ୍ (ଓଡି ୧୯ ଟି ୦୫୫୪) ଜବତ କରିଥିଲା। ତେବେ ଗୁରୁବାର କରାଯାଇଥିବା ଲିଖିତ ଅଭିଯୋଗକୁ ପୋଲିସ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଆନ୍ଦୋଳନ ଚେତାବନୀ ଦେଇଥିଲେ। ଘଟଣା ସମ୍ପର୍କରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କୁହନ୍ତି, ଏ ସମ୍ପର୍କରେ ଜାଣିବା ପରେ ତୁରନ୍ତ ଡକାୟତି ମାମଲା ରୁଜୁ କରି ରାତି ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଘଟଣାସ୍ଥଳରୁ ଏକ ଗାଡ଼ି ଜବତ କରାଯାଇଥିବା ଏସ୍‌ପି କହିଛନ୍ତି। ତେବେ ପୋଲିସ ଅଭିଯୋଗ ନ ରଖିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ଢେଙ୍କାନାଳରେ ପାରଦ ୪୦ ଡିଗ୍ରୀ ଟପିଲା

**ଢେଙ୍କାନାଳ ଅଫିସ, ୮।୬**

ଢେଙ୍କାନାଳର ପାରଦ ପୁଣିଥରେ ୪୦ ଡିଗ୍ରୀ ଟପିଛି। ଗୁରୁବାର ସହରର ତାପମାତ୍ରା ୪୦.୯ ଡିଗ୍ରୀ ରେକର୍ଡ କରାଯାଇଛି। ଅସହ୍ୟ ଝାଞ୍ଜି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଥିବାବେଳେ ଗୁଲୁଗୁଲିରେ ଦିନତମାମ ସନ୍ତୁଳି ହୋଇଥିଲେ ସହରବାସୀ। ଗତ ମଙ୍ଗଳବାର ୩୮ ଡିଗ୍ରୀ ଏବଂ ବୁଧବାର ୩୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଗତ ସପ୍ତାହ ତୁଳନାରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିଲା। ତେବେ ଗୁରୁବାର ହଠାତ୍ ସହରର ତାପମାତ୍ରାରେ ଏଭଳି ବୃଦ୍ଧି ଚିନ୍ତାଜନକ ହୋଇଛି। ଗୁରୁବାର ପୂର୍ବାହ୍ନ ୯ଟାରୁ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଯାଇଥିଲା। ଝାଞ୍ଜି ପବନରେ ଶରୀର ଜଳିପୋଡ଼ି ଯିବା ଭଳି ଅନୁଭବ ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିଥିଲା। ଅନ୍ୟପଟେ ଏଭଳି ସମୟରେ ଘନଘନ ବିଦ୍ୟୁତ୍ କାଟ୍ ଯନ୍ତ୍ରଣାଦାୟକ ହୋଇଛି। ବିଦ୍ୟୁତ୍ ବିଭ୍ରାଟରୁ ପାନୀୟ ଜଳଯୋଗାଣ ପ୍ରଭାବିତ ହେଉଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ନୂତନ ଆଇଆଇସିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବଉଁରପାଳ,୮।୬(ଡି.ଏନ.ଏ.)**

ବଉଁରପାଳ ବ୍ଲକ କୁଲାଡ଼ ମା' ମଙ୍ଗଳା ପୂଜା କମିଟି ପକ୍ଷରୁ ଗୁରୁବାର ନୂଆ ଆଇଆଇସି ଯାଜ୍ଞସେନୀ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ପ୍ରକାଶ ବେହେରାଙ୍କ ନେତୃତ୍ୱରେ କମିଟିର ସଦସ୍ୟମାନେ ଆଇଆଇସିଙ୍କୁ ସାକ୍ଷାତ୍ କରିଥିଲେ। ଅଞ୍ଚଳରେ କିଭଳି ଶାନ୍ତିଶୃଙ୍ଖଳା ରହିବ ଓ ଅପରାଧ ହ୍ରାସପାଇବ ସେ ନେଇ ଆଇଆଇସିଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଗୁରୁଚରଣ ସେଠ, ସୁଶାନ୍ତ ସାହୁ, ମାନସ ମହାପାତ୍ର, ବାପୁ ସିଂ, ଦୀନବନ୍ଧୁ ମହାପାତ୍ର, ପ୍ରଶାନ୍ତ ସାହୁ, ପିଣ୍ଟୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଆଇଆଇସିଙ୍କୁ ସାକ୍ଷାତ୍ ଅବସରରେ କମିଟି ସଦସ୍ୟମାନେ।

## ଘାରିଛି ନରହନ୍ତା ଦନ୍ତା ଭୟ

- ଆତଙ୍କିତ ଗ୍ରାମବାସୀ
- ପ୍ରଶାସନର ଦ୍ୱାରସ୍ଥ

**ଢେଙ୍କାନାଳ ଅଫିସ, ୮।୬**

ନରହନ୍ତା ଦନ୍ତା ଆତଙ୍କରେ ଆତଙ୍କିତ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବିଧାରପୁର ପଞ୍ଚାୟତ ଆରୁହାଁ ଗ୍ରାମବାସୀ ଗୁରୁବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ସୁରକ୍ଷା ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପ୍ରାୟ ଦୁଇମାସ ହେଲା ଏକ ମଣିଷମରା ଦନ୍ତାହାତୀ ଗ୍ରାମ ଛାଡ଼ି ଯାଉନାହିଁ। ଭୟଭୀତ ଗ୍ରାମବାସୀ ଗୃହବନ୍ଦୀ ହୋଇ ରହିବାକୁ ବାଧ ହେଉଛନ୍ତି। ଜରୁରୀ କାମ ପଡ଼ିଲେ ଘରୁ ଗୋଡ଼ କାଢ଼ିବାକୁ ଭୟ ଲାଗୁଛି। ଦନ୍ତାହାତୀ ଦିନ ଦ୍ୱିପ୍ରହରରେ ଗ୍ରାମ ଭିତରେ ବୁଲୁଛି। ଖାଦ୍ୟ ପାଉ ନ ଥିବାରୁ ହିଂସ୍ର ହୋଇଉଠୁଛି। ବିଦ୍ୟାଳୟ ପାଚେରି, ହୋମିଓପାଥିକ ଡାକ୍ତରଖାନା ପାଚେରି ଭାଙ୍ଗିଦେଇଛି। ଭୟଭୀତ ଚାଷୀ କାଜୁ, ଆମ୍ବ ବଗିଚାକୁ ଯାଉନାହାନ୍ତି। ଗତ ୫ ତାରିଖରେ କାଜୁ ବଗିଚାରେ ଜଣେ ୯ମ ଶ୍ରେଣୀ ଛାତ୍ର ଶୁଭ୍ରଜିତ୍ ମଲ୍ଲିକ (୧୪)ଙ୍କୁ ଦନ୍ତା ଦଳି ମାରିଦେଇଥିଲା। ଛାତ୍ରଙ୍କ ଘର ଗଁଦିଆ ବ୍ଲକ ତଳକାଶୀପୁର ଗ୍ରାମରେ ହୋଇଥିବା ବେଳେ ସେ ଆରୁହାଁରେ ରହୁଥିବା ଅଜାଘରକୁ ବୁଲି ଆସିଥିଲେ। ଉକ୍ତ ଦନ୍ତାକୁ ଅଞ୍ଚଳରୁ ନ ଘଉଡ଼ାଇଲେ ଆହୁରି ଧନୀଜୀବନ ହାନି ହେବାର ଆଶଙ୍କା ରହିଛି। ତେଣୁ ଏହାର ପ୍ରତିକାର କରିବାକୁ ସରପଞ୍ଚ ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଗ୍ରାମ କମିଟି ସଭାପତି ଚନ୍ଦ୍ରଶେଖର ସାହୁ, ସମ୍ପାଦକ ଆଦିକନ୍ଦ ପ୍ରଧାନ, ୱାର୍ଡମେମ୍ବର ସନ୍ଧ୍ୟାରାଣୀ ଭୋଇ, କଲ୍ୟାଣୀ ଜେନା, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି।


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

## ଜିରିଡ଼ାମାଳିରେ ରେଡିଓ ବସୁଧା ଲୋକାର୍ପିତ

**କାମାକ୍ଷାନଗର, ୮।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଜରିଡ଼ାମାଳିଠାରେ ଗୁରୁବାର 'ରେଡିଓ ବସୁଧା' ଲୋକାର୍ପିତ ହୋଇଛି। ଏହା ହେଉଛି ଜିଲାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର। କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ।

ନିଜ ଅଭିଭାଷଣରେ କେନ୍ଦ୍ରମନ୍ତ୍ରୀ କହିଲେ, ମେ ଏବଂ ଜୁନ୍ ମାସ କାମାକ୍ଷାନଗର ସମେତ ଜିଲାବାସୀଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ମେ'ରେ କାମାକ୍ଷାନଗର ଦେଇ ଅନୁଗୋଳ-ସୁକିନ୍ଦା ରେଳଲାଇନ୍ କାର୍ଯ୍ୟକ୍ଷମ ହୋଇଛି। ଏବେ ଜିରିଡ଼ାମାଳିରେ ରେଡିଓ ବସୁଧା ଲୋକାର୍ପିତ ହୋଇଛି। ଏହାଫଳରେ ଜାତୀୟ ତଥା ଆଞ୍ଚଳିକ ଗଣମାଧ୍ୟମ ଆଢୁଆଳରେ ରହିଯାଇଥିବା ସ୍ଥାନୀୟ ଅଞ୍ଚଳର ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀର ପ୍ରଚାର ପ୍ରସାର ହୋଇପାରିବ। ସୂଚନା ପ୍ରଦାନ ଏବଂ ସଚେତନତା ମାଧ୍ୟମରେ ଜନ ଭାଗିଦାରିକୁ ସୁନିଶ୍ଚିତ କରିହେବ। ନୂତନ ଗୋଷ୍ଠୀ ବେତାରକେନ୍ଦ୍ର ଲୋକାଦୃତ ହେଉ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଭାରତୀୟ ଗୋଷ୍ଠୀ ବେତାର କେନ୍ଦ୍ରର ପୂର୍ବତନ ଜାତୀୟ ସଭାପତି ତଥା ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର 'ରେଡିଓ ନମସ୍କାର'ର ପ୍ରତିଷ୍ଠାତା ଏନ.ଏ. ଶାହା ଅନସାରୀ କହିଲେ, ଜିରିଡ଼ାମାଳିରେ ରାଜ୍ୟର ୩୪ତମ ଗୋଷ୍ଠୀ ବେତାର କେନ୍ଦ୍ର ସ୍ଥାପନ ହୋଇଛି। ଏହା ମାଟିର ସ୍ୱରକୁ ଶାଣିତ କରିବ ବୋଲି ଆଶା ଓ ବିଶ୍ୱାସ। ରାଜ୍ୟର ୩୧୪ ବ୍ଲକରେ ଗୋଷ୍ଠୀ ବେତାର କେନ୍ଦ୍ର ପ୍ରତିଷ୍ଠା ହେଉ ବୋଲି ଯେଉଁ ଉଦ୍ୟମ ଆରମ୍ଭ କରାଯାଇଥିଲା, ସେଥିରେ କାମାକ୍ଷାନଗର ସାମିଲ ହେବା ଗର୍ବର ବିଷୟ। ଅଞ୍ଚଳର ବିକାଶରେ ଏହା ବିଶେଷ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। କମ୍ୟୁନିଟି ରେଡ଼ିଓ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଏସ.ଏ. ସଫିକ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ରେଡିଓ ବସୁଧାର ଉନ୍ନତି କାମନା କରିଥିଲେ।

'ରେଡିଓ ବସୁଧା'ର ଅଧ୍ୟକ୍ଷ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଇଡିଅଟ୍'ର ନିର୍ଦ୍ଦେଶକ ଶିଶିର ଶତପଥୀ କହିଲେ, ପ୍ରାରମ୍ଭରେ ୬ ଘଣ୍ଟା କାର୍ଯ୍ୟକ୍ରମ ପ୍ରସାରଣ ଯୋଜନା ରହିଛି। ସକାଳ ୭ଟାରୁ ୯ଟା, ଅପରାହ୍ନ ୨ଟାରୁ ୪ଟା ଏବଂ ସନ୍ଧ୍ୟା ୭ଟା ରୁ ୯ଟା ପର୍ଯ୍ୟନ୍ତ ଏଫ୍‌ଏମ୍ ୯୦.୦ ମେଗାହର୍ସ ଯୋଗେ ଏହାକୁ ଶୁଣିହେବ ବୋଲି ସେ ସୂଚନା ଦେଇଛନ୍ତି। ଅଧ୍ୟାପକ ସୁରେଶ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। 'ଇଡିଅଟ୍' ସଦସ୍ୟ ସଚିବ ସରୋଜ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। 'ରେଡିଓ ବୁଲବୁଲ'ର ଶେକ ନିଆଜ୍, ରେଡିଓ ବସୁଧାର କାର୍ଯ୍ୟକର୍ତ୍ତା ଶିଶିର ପାଣି, ସୁଶାନ୍ତ ପତି, ବାଦଲ ମହାନ୍ତି, ପ୍ରିୟଦର୍ଶିନୀ ପରିଡ଼ା, ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବହୁ ଭାଜପା ନେତା, କର୍ମୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



କେନ୍ଦ୍ରମନ୍ତ୍ରୀ ରେଡିଓ ବସୁଧାର ଲୋକାର୍ପଣ କରୁଛନ୍ତି।

### ଜିଲାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର

